ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୫, ଜୁଲାଇ ୯**

# ୯ ଜୁଲାଇ ଜନ୍ମ ତିଥି ଅବସରରେ ବାଣୀକଣ୍ଠ ନିମାଇଁ ଚରଣ

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ବନମାଳୀ, ଦୀନକୃଷ୍ଣ, ଗୋପାଳକୃଷ୍ଣ, କବିସୂର୍ଯ୍ୟ ବଳଦେବ ରଥ, ବିଦ୍‌ଗଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ପଦ୍ୟଗୁଡ଼ିକୁ ଆଜୀବନ ପ୍ରାଧାନ୍ୟ ଦେଇଥିବା ଏବଂ ଗାଇଥିବା କଣ୍ଠଶିଳ୍ପୀ ହେଉଛନ୍ତି ବାଣୀକଣ୍ଠ ପଦ୍ମଶ୍ରୀ ନିମାଇଁଚରଣ ହରିଚନ୍ଦନ । ସେ ହିଁ ଓଡ଼ିଶାର ପ୍ରଥମ ପେସାଦାର ଗାୟକ । ଶୈଶବରେ ଆରମ୍ଭ ହୋଇଥିଲା, ତାଙ୍କର ଗାୟକ ଜୀବନ । ନିଜର ଦାଦା ତଥା ଓଡ଼ିଶାର ବିଶିଷ୍ଟ ସଂଗୀତ ଗୁରୁ ଗୋକୁଳଚନ୍ଦ୍ର ଶ୍ରୀଚନ୍ଦନ ଥିଲେ, ତାଙ୍କର ପ୍ରଥମ ଗୁରୁ । ଗୋକୁଳଚନ୍ଦ୍ରଙ୍କ ଠାରୁ ହାରମୋନିଅମରେ ଓଡ଼ିଶୀ, ଛାନ୍ଦ, ଜଣାଣ ଆଦି ଶିକ୍ଷା କରିବା ପରେ ଆର୍ତ୍ତବନ୍ଧୁ ପାତ୍ରଙ୍କ ଠାରୁ ସଂଗୀତ ଶିକ୍ଷା କରିଥିଲେ । କଟକର ବିଖ୍ୟାତ ତବଲା ବାଦକ ଜଗମୋହନ ନାୟକଙ୍କର ମଧ୍ୟ ସେ ଶିଷ୍ୟ । ବାଣୀକଣ୍ଠଙ୍କ କଣ୍ଠରୁ ସୁର ସମ୍ପନ୍ନ କରିଥିଲେ କଟକର ହିନ୍ଦୁସ୍ତାନୀ ସଂଗୀତ ଗୁରୁ ମାଧୋ ରାଓ । ଏହିଭଳି କେନ୍ଦ୍ରାପଡ଼ା ଓ କଟକରେ ସଂଗୀତ, ବାଦ୍ୟ-ଯନ୍ତ୍ର ଆଦିରେ ତାଲିମ ନେବା ପରେ ଅଧିକ ବିକାଶ ପାଇଁ କାଲକାତା ଯାଇଥିଲେ । ସେତେବେଳେ କଟକ ବେତାର କେନ୍ଦ୍ର ସ୍ଥାପିତ ହୋଇନଥିଲା । ୧୯୩୪ରେ କାଲକାତା ବେତାର କେନ୍ଦ୍ରରେ ସେ ଗାଇବା ଆରମ୍ଭ କରିଥିଲେ । ତାହା ପୂର୍ବରୁ ହିଜ୍ ମାଷ୍ଟର୍ସ ଗ୍ରାମ୍‌ଫୋନ କମ୍ପାନୀ ପାଇଁ ଅବଶ୍ୟ ଏକାଧିକ ଗୀତ ଗାଇସାରିଥିଲେ । ଏକ ଜମିଦାର ପରିବାରରେ ଜନ୍ମ ହୋଇଥିଲେ ହେଁ ବାଣୀକଣ୍ଠଙ୍କ ଶୈଶବ ଘୋର ଦାରିଦ୍ର୍ୟ ମଧ୍ୟରେ କଟିଥିଲା । ପିତା ରୁଗ୍‌ଣ ଥିଲେ । ଶୈଶବରେ ପାଠ ଛାଡ଼ିବାକୁ ପଡ଼ିଥିଲା । ପରିବାର ଭରଣପୋଷଣ ପାଇଁ ଏକଦା ଯାତ୍ରୀ ପରିବହନ ବ୍ୟବସାୟ କରି ବିପୁଳ କ୍ଷତି ସହିଥିଲେ । କଟକର ପ୍ରତିଷ୍ଠିତ ବ୍ୟକ୍ତି ଡ.ପ୍ରାଣକୃଷ୍ଣ ପରିଜା, ଡ.ଆର୍ତ୍ତବଲ୍ଲଭ ମହାନ୍ତି, ନିତ୍ୟାନନ୍ଦ କାନୁନଗୋ ଆଦିଙ୍କ କନ୍ୟାମାନଙ୍କୁ ଘରୋଇ ଭାବେ ସଂଗୀତ ଶିକ୍ଷା ଦେଇ ସେ ବେତନ ବାବଦକୁ ମାସିକ ଦେଢ଼ ଶହ ଟଙ୍କା ପାଉଥିବା ଜଣାଯାଏ । ବାଣୀକଣ୍ଠଙ୍କ ଭଜନ, ଜଣାଣ, ଛାନ୍ଦ, ଚଉପଦୀ, ଚମ୍ପୂ ଆଦି ଓଡ଼ିଶାରେ


ଡ଼ଃ.ଅରୁନ୍ଧତୀ ଦେବୀ

ବିଶେଷ ଭାବେ ଲୋକପ୍ରିୟ । ଅଗଣିତ ଓଡ଼ିଆଙ୍କୁ ନିଜର କଣ୍ଠ ଦ୍ୱାରା ମନ୍ତ୍ରମୁଗ୍ଧ କରିରଖିଥିବା କଣ୍ଠଶିଳ୍ପୀ ସେ । ଆଠଗଡ଼ ରାଜ ପରିବାରର ଲକ୍ଷ୍ମୀପ୍ରିୟାଙ୍କୁ ସେ ବିବାହ କରିଥିଲେ । ପୁରୀର ଗଜପତି ମହାରାଜା, ତାଙ୍କୁ ଶ୍ରୀମନ୍ଦିରରେ ଚାମର ସେବା ପ୍ରଦାନ କରିଥିଲେ । ୧୯୭୦ ପରଠାରୁ ସେ ପୁରୀରେ ସ୍ଥାୟୀ ଭାବେ ବାସ କରିବା ସହ ପ୍ରତି ଦିନ ମନ୍ଦିରରେ ଚାମର ସେବା କରିବା ସହ ଜଣାଣ ଗାଉଥିଲେ । ଶ୍ରୀଜଗନ୍ନାଥଙ୍କ ପାଇଁ ସେ ନିଜେ ଲେଖି ନିଜେ ଗାଇଥିଲେ - ହେ ଜଗନ୍ନାଥ । ତୁମ ବାହାଡ଼ାରେ ମୋତେ ବାହୁଡ଼ାଇ ନିଅ । ତାହା ହିଁ ଘଟିଥିଲା । ୨୦ ଜୁଲାଇ ୧୯୮୩ ବାହୁଡ଼ା ଯାତ୍ରା ବେଳେ ତାଙ୍କର ପରଲୋକ ହୋଇଥିଲା । ସେ ସର୍ବଦା କହୁଥିଲେ ଓଡ଼ିଶୀ ଗୀତ, ଛାନ୍ଦ, ଜଣାଣ, ଭଜନ ଆଦିର ପ୍ରସାର ନ ହେଲେ ଆମେ ନିଜର ସଂସ୍କୃତି ହରାଇବସିବା । ୧୯୦୧ ଜୁଲାଇ ୯ ତାରିଖରେ କେନ୍ଦ୍ରାପଡ଼ାରେ ଜନ୍ମ ହୋଇଥିଲେ ଏହି ମହାନ କଣ୍ଠ ଶିଳ୍ପୀ ।

*ନିର୍ଦ୍ଦେଶିକା-ସମ୍ପାଦିକା,*
*ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ,*
*କଟକ,*
*ଦୂରଭାଷ : ୯୯୩୭୧୭୨୮୧୦*

# ସଂଯମତାର ସମୟ : ଚତୁର୍ମାସ୍ୟା

**ଡକ୍ଟର ସୁରେଶ କୁମାର ନାୟକ**

ଆମର ପ୍ରିୟ ଋଷି ମୁନିମାନେ ଜୀବନର ଉତ୍ଥାନ ନିମନ୍ତେ ଅଭିନବ ଜୀବନ ପଦ୍ଧତି ବିକଶିତ କରିଛନ୍ତି । ଋତୁ ଅନୁକୂଳ ବିଭିନ୍ନ ପର୍ବପର୍ବାଣୀର ବିଧି ନିର୍ମାଣ କରିଛନ୍ତି । ଚତର୍ମାସ୍ୟା ଏପରି ଏକ ବିଶେଷ ଅବସର, ଯାହାର ଶୁଭାରମ୍ଭ ଦେବଶୟନୀ ଏକାଦଶୀ (ଆଷାଢ଼ ଶୁକ୍ଳ ଏକାଦଶୀ) ଠାରୁ ହୋଇ ସମାପନ ଦେବୋତ୍‌ଥାପନ ଏକାଦଶୀ (କାର୍ତ୍ତିକ ଶୁକ୍ଳ ଏକାଦଶୀ)ରେ ହୋଇଥାଏ । ବର୍ଷା କାଳର ଏହି ଚାରି ମାସ (ଶ୍ରାବଣ, ଭାଦ୍ରବ, ଆଶ୍ୱିନ ଏବଂ କାର୍ତ୍ତିକ)ର ଅବଧିରେ ଆମର ମନିଷିମାନେ ଆଧ୍ୟାତ୍ମିକ ଉତ୍ଥାନ ନିମନ୍ତେ ବିଶେଷ ସୁଯୋଗ ଆସିଥାଏ ବୋଲି ମାନ୍ୟତା ପ୍ରଦାନ କରିଅଛନ୍ତି । ଦେବଶୟନୀ ଏକାଦଶୀ ସହିତ ଏହି ବିଶେଷ ସାଧନା କାଳର ଶୁଭାରମ୍ଭ ପଛରେ ଧର୍ମଶାସ୍ତ୍ରରେ ଏକ ରୋଚକ କଥା ଉଲ୍ଲେଖ କରାଯାଇଛି । ଅସୁରରାଜ ବିରୋଚନର ପୁତ୍ର ଏବଂ ଭଗବାନ ବିଷ୍ଣୁଙ୍କ ପରମଭକ୍ତ ଅସୁରରାଜ ବଳି ଯୁଦ୍ଧରେ ଦେବରାଜ ଇନ୍ଦ୍ରଙ୍କୁ ପରାଜିତ କରି ସ୍ୱର୍ଗ ଅଧିକାର କରିନେଇଥିଲେ । ଏହି ବିଜୟ ପରେ ସେ ଅହଂକାରୀ ହୋଇ ଉଠିଲା । ମହାବିଜୟ ଉପଲକ୍ଷେ ବଳି ଏକ ଅଶ୍ୱମେଧ ଯଜ୍ଞ ଆୟୋଜନ କଲା । ଶ୍ରୀହରି ନିଜ ପ୍ରିୟ ଭକ୍ତର ଅହଂକାର ଦୂର କରିବା ଲାଗି ବାମନ ଅବତାର ନେଲେ ଏବଂଦାନ ସ୍ୱରୂପ ତିନିପାଦ ଭୂମି ବଳିକୁ ମାଗିଲେ । ବଳି ସଂକଳ୍ପ କଲାରୁ ଶ୍ରୀବାମନ ତିନି ପାଦରେ ସ୍ୱର୍ଗ, ମର୍ତ୍ତ୍ୟ ଏବଂ ପାତାଳ ମାପିନେଲେ ଓ ବଳିକୁ ପାତାଳରେ ଚାପି ଦେଲେ । ଅନ୍ୟ ଏକ ବରଦାନ ସ୍ୱରୂପ ଶ୍ରୀହରି କଥାଦେଲେ ଯେ ସେ ବର୍ଷାକାଳ ଚାରି ମାସ ପାତାଳ ଲୋକରେ ରହିବେ । ଯେଉଁ ସମୟରେ ଶ୍ରୀବିଷ୍ଣୁ ଭକ୍ତ ବଳିର ପ୍ରାର୍ଥନା ସ୍ୱୀକାର କଲେ ତାହା ଥିଲା ଦେବଶୟନୀ ଏକାଦଶୀ ।

କୁହାଯାଏ ଯେ ସେବେ ଠାରୁ ଚତୁର୍ମାସ୍ୟା ଅବସରରେ ଶ୍ରୀହରି ଯୋଗନିଦ୍ରା ଯାଇଥାଆନ୍ତି । ଏହି ସମୟରେ ତାଙ୍କର ପୂଜା - ଆରାଧନା ସହିତ ସମ୍ପର୍କ ନଥାଏ । ଆଜି ଠାରୁ ଆରମ୍ଭ ହୋଇଥିବା ଚତୁର୍ମାସ୍ୟରେ ଶ୍ରୀହରିଙ୍କ ଶୟନ କାଳ ସମୟରେ ସମସ୍ତ ମାଙ୍ଗଳିକ କାର୍ଯ୍ୟ ନିଷିଦ୍ଧ ହୋଇଥାଏ । ପୌରାଣିକ ମାନ୍ୟତା ଅନୁଯାୟୀ ଏହି ଚାରି ମାସ ପର୍ଯ୍ୟନ୍ତ ସୃଷ୍ଟି ପରିଚାଳନାର ଅତିରିକ୍ତ ଦାୟିତ୍ୱ ଦେବାଦିଦେବ ମହାଦେବ ତୁଲାଇଥାଆନ୍ତି । ପ୍ରାଚୀନ କାଳରେ ସାଧକ ଏହି ଚାରି ମାସ ଗୋଟିଏ ସ୍ଥାନରେ ରହି ସାଧନା କରୁଥିଲେ । କିଛି ଲୋକ ଆଜି ମଧ୍ୟ ଏହି ପରମ୍ପରାର ପାଳନ କରିଥାଆନ୍ତି । କୃଷକମାନଙ୍କୁ ପୃଥିବୀର ପାଳନକର୍ତ୍ତା କୁହାଯାଏ । କାରଣ ଅନ୍ନ କୃଷକମାନେ ଉତ୍ପନ୍ନ କରିଥାନ୍ତି । ଋଷିମୁନିଗଣ ବର୍ଷା ଋତୁ ଚାରିମାସ କୃଷକମାନଙ୍କର କୃଷି କାର୍ଯ୍ୟରେ ଲିପ୍ତ ରହିବାର ଆତ୍ମିକ ପ୍ରଗତି କାଳ ଭାବେ ଅଭିହିତ କରି ବେଦ, ପୁରାଣ ଆଦି ଧର୍ମଗ୍ରନ୍ଥରେ ଅଧ୍ୟୟନ, ସ୍ମରଣର ପରମ୍ପରା ଆରମ୍ଭ କରିଛନ୍ତି । ଚତୁର୍ମାସ୍ୟା ସମୟରେ ଶରୀର ତଥା ମନକୁ ସଶକ୍ତ କରିବା ଲାଗି କେତେ କ୍ରିୟା ବିଷୟରେ କୁହାଯାଇଛି । ଅଧିକ ଆର୍ଦ୍ର ବାତାବରଣରେ ଆମର ପାଚନ କ୍ରିୟା ମଧ୍ୟ ପ୍ରଭାବିତ ହୋଇଥାଏ । ଏହି କାରଣରୁ ଆମର ଋଷି ମୁନିମାନେ ଚାରି ମାସ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ସାଦା, ତଟକା ଏବଂ ସୁପାଚ୍ୟ ଭୋଜନ ଗ୍ରହଣ କରିବା ଲାଗି ନିୟମ ଉପନିୟମ ନିର୍ଦ୍ଧାରଣ କରିଛନ୍ତି । ଯାହା ବର୍ତ୍ତମାନ ସମୟରେ ମଧ୍ୟ ବେଶ ଉପଯୋଗୀ । ବର୍ଷାକାଳରେ ମାଂସାହାର, ପତ୍ରଯୁକ୍ତ ଶାଗ ଏବଂ ଦହି ସେବନ ପାଇଁ ବାରଣ କରାଯାଇଛି । ଜୈନ ଧର୍ମରେ ମଧ୍ୟ ଚତୁର୍ମାସ୍ୟାର ମହତ୍ୱକୁ ସ୍ୱୀକାର କରାଯାଇଛି । ଭଗବାନ ନେମିନାଥ କହିଛନ୍ତିଯେ ଏହି ସମୟରେ ପୃଥିବୀରେ ଅସଂଖ୍ୟ ଜୀବ ଉତ୍ପନ୍ନ ହୋଇଥାନ୍ତି । ସେହି ଜୀବନମାନଙ୍କୁ ରକ୍ଷା କରିବା ଲାଗି ଜୈନ ଭିକ୍ଷୁମାନେ ଗୋଟିଏ ସ୍ଥାନରେ ରହି ଆରାଧନା କରିଥାନ୍ତି । ଚତୁର୍ମାସ୍ୟାରେ ଜୈନ ଧର୍ମର ପବିତ୍ର ପର୍ବ ପର୍ଯ୍ୟୁଷଣ ପାଳନ କରାଯାଇଥାଏ ।

*ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,*
*ସେକ୍ଟର-୯, ସିଡିଏ,*
*କଟକ, ମୋ: ୯୪୩୭୨୨୫୫୯୨*

# ମୌସୁମୀର ପ୍ରଭାବ


**ସୌଭାଗ୍ୟ ରଂଜନ ମହାନ୍ତି(ରାଜା)**

ଭାରତୀୟ କୃଷି ଓ କୃଷକର ଜୀବନରେଖା ଭାବେ ପରିଚିତ ଦକ୍ଷିଣ-ପଶ୍ଚିମ ମୌସୁମୀ ଚଳିତ ବର୍ଷ କେରଳରେ ପରମ୍ପରାଗତ ଦିବସର ୮ଦିନ ଆଗରୁ କେରଳ ଛୁଇଁଥିବା ବେଳେ ସମଗ୍ର ଭାରତୀୟ ଉପ-ମହାଦେଶରେ ମଧ୍ୟ ନିର୍ଦ୍ଧାରିତ ସମୟର ୯ଦିନ ପୂର୍ବରୁ ସ୍ପର୍ଶ କରିଛି । ସାଧାରଣତଃ ଜୁଲାଇ ମାସ ୮ତାରିଖ ସୁଦ୍ଧା ମୌସୁମୀ ସମଗ୍ର ଦେଶର ବିଭିନ୍ନ ଅଂଚଳକୁ ଆଚ୍ଛାଦିତ କରିଥାଏ । ଚଳିତ ବର୍ଷ ଦେଶରେ ମୌସୁମୀ ବର୍ଷା ସ୍ୱାଭାବିକ ଠାରୁ ଅଧିକ ହେବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପୂର୍ବାନୁମାନ କରିଥିବାବେଳେ ବର୍ତ୍ତମାନ ସୁଦ୍ଧା ତାହା ସତ୍ୟରେ ପରିଣତ ହୋଇଛି । ଭାରତୀୟ ପାଣିପାଗ ବିଭାଗର ତଥ୍ୟ ଅନୁଯାୟୀ ଦେଶର ବିଭିନ୍ନ ଅଂଚଳରେ ବର୍ତ୍ତମାନ ସୁଦ୍ଧା ୬୯ପ୍ରତିଶତ ବର୍ଷା ହୋଇଥିବା କୁହାଯାଇଛି । କଥାରେ ଅଛି ବୃଷ୍ଟି ବହୁଳେ ସୃଷ୍ଟି ନାଶ, ବୃଷ୍ଟି ବିହୁନେ ସୃଷ୍ଟି ନାଶ । ଏବେ ଏହା ସତ୍ୟରେ ପରିଣତ ହୋଇଛି । ମୌସୁମୀର ତାଣ୍ଡବ ହିମାଚଳ ପ୍ରଦେଶରେ ହାହାକାର ସ୍ଥିତି ସୃଷ୍ଟି କରିଛି । ହିମାଚଳର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ତଥା ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ମଣ୍ଡି ଛାରଖାର ହୋଇଯାଇଛି । ସେହିପରି ବର୍ଷା ଓ ବନ୍ୟାରେ ୭୦ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ହଜାରେ କୋଟିରୁ ଅଧିକ ଟଙ୍କାର କ୍ଷୟକ୍ଷତି ଘଟିଥିବା କୁହାଯାଇଛି । ସେହିପରି ଉତରାଖଣ୍ଡରେ ମଧ୍ୟ ଅନୁରୂପ ମୌସୁମୀ ତାଣ୍ଡବ ରଚିଛି । ଆହୁରି ମଧ୍ୟ ଦେଶର ବିଭିନ୍ନ ରାଜ୍ୟରେ ପ୍ରଳୟଙ୍କାରୀ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏହା ସତ୍ତ୍ୱେ ଜୁନ୍ ମାସରେ ହୋଇଥିବା ବର୍ଷା କୃଷିକ୍ଷେତ୍ର ପାଇଁ ବରଦାନ ସଦୃଶ ହୋଇଥିବାବେଳେ ଚଳିତ ବର୍ଷ ଶେଷ ସୁଦ୍ଧା ଦେଶରେ କୌଣସି ନିର୍ବାଚନ ନଥିବାରୁ କେବଳ ଅର୍ଥନୀତିର ପ୍ରଗତି ପାଇଁ ନୀତି ନିର୍ଦ୍ଧାରକ ବିଶାରଦମାନେ ବିଶେଷ ଅଗ୍ରାଧିକାର ଦେବାର ସମ୍ଭାବନା ବହନ କରେ । ଏହା ନିସନ୍ଦେହ ଯେ, କୃଷି ଗ୍ରାମାଚଂଳ ଜୀବନ-ଜୀବିକାର ମେରୁଦଣ୍ଡ ସାବ୍ୟସ୍ତ ହୋଇଥିବାବେଳେ ଭାରତର ଶ୍ରମଶକ୍ତିର ୪୦ପ୍ରତିଶତରୁ ଅଧିକ କର୍ମ ନିଯୁକ୍ତି ଦେଇଥାଏ । ଦେଶର ଅର୍ଦ୍ଧାଧିକ ତଥା ୫୦ ପ୍ରତିଶତରୁ ଅଧିକ ଚାଷ ଜମି ମୌସୁମୀ ବର୍ଷା ଉପରେ ନିର୍ଭରଶୀଳ । ଏହା ଗୋପନୀୟ ନୁହେଁ । ଠିକ ସମୟରେ ଏବଂ ପ୍ରଚୁର ବର୍ଷା ଅର୍ଥନୈତିକ ନମନୀୟତା ଏବଂ ଗ୍ରାମାଚଂଳ ଦୁର୍ଦ୍ଦଶା ମଧ୍ୟରେ ତଫାତ୍ ଆଣିଥାଏ । କିନ୍ତୁ ଆଗୁଆ ବର୍ଷା କୃଷକମାନଙ୍କୁ ଖରିଫ ଚାଷ ତଥା ଧାନ, ସୋୟାବିନ, କପା, ମାଜା ଆଦି ଚାଷ ବିନା ବିଳମ୍ବରେ ଆରମ୍ଭ କରିବାରେ ସହାୟକ ହୋଇଥାଏ । ଚଳିତ ବର୍ଷ କେବଳ ଆଗୁଆ ଚାଷ କାର୍ଯ୍ୟ ଆରମ୍ଭ ନୁହେଁ, ବ୍ୟାପକ ଶ୍ରମ ଶକ୍ତି ତଥା କର୍ମନିଯୁକ୍ତି ଯୋଗାଇବାରେ ମୌସୁମୀ ବରଦାନ ସଦୃଶ ହୋଇଛି । ଏହା ନିସନ୍ଦେହ ଯେ, ଏକ ସ୍ୱାଭାବିକ ମୌସୁମୀ ବରଦାନ ସଦୃଶ ହୋଇଛି । ଏହା ନିସନ୍ଦେହ ଯେ, ଏକ ସ୍ୱାଭିବକ ମୌସୁମୀ ଖାଦ୍ୟଶସ୍ୟ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିଥାଏ । ଆନ୍ତର୍ଜାତିକ ସାମଗ୍ରୀ ବଜାର ଏବେ ଅସ୍ଥିରତା ଦେଇ ଗତି କରୁଥିବା ସମୟରେ ଆଗୁଆ ମୌସୁମୀ ମଧ୍ୟ ବରଦାନ ସଦୃଶ ହୋଇଛି । ଅନ୍ୟପକ୍ଷରେ ସ୍ୱାଭାବିକଠାରୁ ଅଧିକ ବର୍ଷା ବିପର୍ଯ୍ୟାୟର କାରଣ ହୋଇଥାଏ । ଯାହା ଅତୀତ ଘଟଣାବଳୀ କହେ । ଅତ୍ୟଧିକ ବର୍ଷା ବନ୍ୟାର କାରଣ ହୋଇଥାଏ । ଯାହା ଏବେ ଦେଶର ବିଭିନ୍ନ ଅଂଚଳରେ ଲୋକଙ୍କ ଦୁର୍ଦ୍ଦଶାର କାରଣ ହୋଇଛି । କେବଳ ବନ୍ୟା ନୁହେଁ, ଅତ୍ୟଧିକ ବର୍ଷା ଯୋଗୁଁ ଦେଶର ବହୁ ଅଂଚଳରେ ଏବେ ବି ଖରିଫ ଚାଷ ଆରମ୍ଭ ହୋଇପାରିନାହିଁ । ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ଆଗୁଆ ସ୍ୱାଭାବିକ ଠାରୁ ଅଧିକ ବର୍ଷା ଶେଷ ଆଡକୁ ଅନାବୃଷ୍ଟି ଅବା ନିୟମିତ ବର୍ଷାର କାରଣ ହୋଇପାରେ ବୋଲି ପାଣିପାଗ ବିଶାରଦମାନଙ୍କ ଚେତାବନୀକୁ ଅଣଦେଖା କରାଯାଇନପାରେ । ଭବିଷ୍ୟତରେ ଅନିମୟିତ ମୌସୁମୀର ମୁକାବିଲା ପାଇଁ ବର୍ତ୍ତମାନଠାରୁ ଜଳ ସଂରକ୍ଷଣ ଉପରେ ବ୍ୟାପକ ନିବେଶ କରାଯିବାର ଆବଶ୍ୟକତା ରହିଛି । ଏହା ସତ୍ୟ ଯେ, ଅତିବୃଷ୍ଟି, ଅନାବୃଷ୍ଟି ଫସଲରେ ରୋଗପୋକ ସଂକ୍ରମଣ, ଉତ୍ପାଦନ ହ୍ରାସ, ବନ୍ୟା, ବାତ୍ୟା, ମରୁଡ଼ି, ଆଦି ପ୍ରାକୃତିକ ବିପର୍ଯ୍ୟାୟ ଆଦି ଯୋଗୁଁ ଆଗୁଆ ମୌସୁମୀ ଆଗମନ ପାଇଁ ବିଶେଷ ଉଲ୍ଲସିତ ହେବାର କୌଣସି କାରଣ ନାହିଁ । ପ୍ରତିକୂଳ ପାଗ ଉପଯୋଗୀ କୃଷି ପ୍ରସ୍ତୁତି କରିବା ବର୍ତ୍ତମାନର ସବୁଠାରୁ ବଡ ଆହ୍ୱାନ । ସେଥିପାଇଁ ପାଣିପାଗ ଉପଯୋଗୀ ସଅଳ ଓ ଉତ୍ପାଦନ କ୍ଷମ ବିଭିନ୍ନ ପ୍ରକାରର ବିହନ ଉତ୍ପାଦନ କରିବାକୁ ହେବ । ସୌଭାଗ୍ୟର କଥା ଏ ଦିଗରେ କୃଷି ବିଜ୍ଞାନୀମାନେ ଯଥେଷ୍ଟ ସଫଳତା ହାସଲ କରିଥିବା ଜଣାଯଏ । ସେହିପରି ମୌସୁମୀ ମତିଗତିକୁ ଦୃଷ୍ଟିରେ ରଖି ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରିବା ବର୍ତ୍ତମାନ ସମୟରେ ସବୁଠାରୁ ବଡ ଆବଶ୍ୟକତା । ଯେଉଁଥିପାଇଁ କି ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜୟ ଯବାନ, ଜୟ କିଷାନ ସହ ଜୟ ବିଜ୍ଞାନର ନାରା ଦେଇଥିଲେ । ଏହା ନିସନ୍ଦେହ ଯେ, ବନ୍ୟା, ବାତ୍ୟା, ମରୁଡ଼ି ଭାରତର ଚୀର ସହଚର । ମୌସୁମୀର ଅନିୟମିତା ପ୍ରଭାବରୁ ହିଁ ଦେଶ ବନ୍ୟା, ବାତ୍ୟା, ମରୁଡ଼ି ଆଦି ବିପର୍ଯ୍ୟାୟର ସମ୍ମୁଖୀନ ହୋଇଆସୁଛି । ତେଣୁ ସ୍ୱାଭାବିକ ହେଉ, ଅନିୟମିତ ମୌସୁମୀ ହେଉ ଏହାର ପ୍ରଭାବକୁ ଦୃଷ୍ଟିରେ ରଖି କୃଷି କ୍ଷେତ୍ର ଏବଂ ଗ୍ରାମାଚଂଳ ଜୀବନ ଜୀବିକାରେ ସ୍ଥିରତା ବଜାୟ ରଖିବା ପାଇଁ ବେଳହୁଁ ସଚେତନ ହେବା ଜରୁରୀ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,
ମୋ-୭୯୭୮୬୬୬୪୦୩

# 'ଡିପ୍‌ଫେକ୍'ରୁ ବିପତ୍ତି


**ଉମାଶଙ୍କର ପ୍ରସାଦ**

ଡିପ୍‌ଫେକ୍' କହିଲେ ବୈଷୟିକ କୌଶଳ ମାଧ୍ୟମରେ କୌଣସି ଭିଡିଓର ମୌଳିକ ଦୃଶ୍ୟ ଓ ଶ୍ରାବ୍ୟ (ଭିଡିଓ ଓ ଅଡିଓ) ବିଷୟ(କଂଟେଟ୍) ପରିବର୍ତ୍ତନ କରି ନକଲ ପ୍ରସ୍ତୁତିକୁ ବୁଝାଯାଏ । 'ଫେକ ନିଉଜ'କୁ 'ଅସତ୍ୟ ସମ୍ବାଦ' କୁହାଗଲେ 'ଡିପ୍‌ଫେକ୍'କୁ 'ଅସତ୍ୟ ଦୃଶ୍ୟ' ଭାବରେ ନାମିତ କରାଯାଇପାରେ । 'ଡିପ୍‌ଫେକ୍' ଭିଡିଓ ମେସିନ ଲର୍ଣ୍ଣିଂ ଓ ଆର୍ଟିଫିସିଆଲ ଇଂଟେଲିଜେନ୍ସିର ଜଟିଳ ସୂତ୍ରାବଳୀ ଆଧାରିତ । ଏଭଳି ସଫ୍ଟୱେର ସହଜରେ ଓ ମାଗଣାରେ ଡେସ୍କଟପ ଓ ସ୍ମାର୍ଟଫୋନ ଆପ ଆକାରରେ ଜାନୁୟାରୀ ୨୦୧୮ରୁ ସର୍ବସାଧାରଣରେ ଉପଲବ୍ଧ । ନଭେମ୍ବର ୨୦୨୨ରେ ଜେନେରେଟିଭ ଆର୍ଟିଫିସିଆଲ ଇଂଟିଲିଜେନ୍ସିର ଲୋକାର୍ପଣ ଏହି ଦିଗରେ ପ୍ରଶସ୍ତ କ୍ଷେତ୍ର ସୃଷ୍ଟି କଲା । ଫଳରେ ମାତ୍ର ପାଞ୍ଚ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୩ ଶେଷ ସୁଦ୍ଧା ବିଶ୍ୱବ୍ୟାପୀ 'ଡିପ୍‌ଫେକ୍' ଭିଡିଓ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଲା ।

ଫଟୋଗ୍ରାଫି ଓ ସିନେମା କଳାକୌଶଳ ଉଦ୍ଭାବନ ପରେ ପରେ ଅସଲି ଚିତ୍ରରେ ନକଲି ଖଞ୍ଜିବା ଆରମ୍ଭ ହୋଇଯାଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧୋତର ପରିବେଶରେ ଡିଜିଟାଲ ଭିଡିଓ ପ୍ରଚଳନ ପରେ ଏହି କ୍ଷେତ୍ରରେ ବ୍ୟାପକ ଅଗ୍ରଗତି ଘଟିଥିଲା । ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ମେସିନ ଲର୍ଣ୍ଣିଂ ଓ ଆର୍ଟିଫିସିଆଲ ଇଂଟେଲିଜେନ୍ସି ଉପଯୋଗରେ ଏବଂ ପରୀକ୍ଷା ନିରୀକ୍ଷା କରିବା ନିମନ୍ତେ ବୈଷୟିକ କୌଶଳ ସହଜରେ ଉପଲବ୍ଧ ହେବା ପରେ ଉଚ୍ଚତର ଶିକ୍ଷାନୁଷ୍ଠାନଗୁଡ଼ିକରେ ଅବସ୍ଥାପିତ ଗବେଷକମାନେ ଏଥିରେ ସାମିଲ୍ ହୋଇଥିଲେ । ସୋସିଆଲ ମିଡିଆ 'ରେଡିଟ'ରେ ୨୦୧୭ରେ 'ଡିପ୍‌ଫେକ୍' ନାମକ ଏକ ଶୃଙ୍ଖଳ ସୃଷ୍ଟି କରାଯାଇଥିଲା । ଏହି ଅନଲାଇନ ସମ୍ପ୍ରଦାୟରେ ଅନ୍ତର୍ଭୁକ୍ତ ଗବେଷକମାନେ ମଂଚରେ ନିଜେ ପ୍ରସ୍ତୁତ କରିଥିବା 'ଡିପ୍‌ଫେକ୍' ଭିଡିଓ ଚିତ୍ରଗୁଡ଼ିକ ପ୍ରଦର୍ଶନ କରୁଥିଲେ । ତେବେ ଏହା ଅଧ୍ୟୟନକୈନ୍ଦ୍ରିକ ଥିବା ହେତୁ ଅନ୍ୟମାନଙ୍କ ନଜରକୁ ଆସୁନଥିଲା କିମ୍ବା ଉପାଦାନ ସମ୍ପର୍କରେ ପ୍ରଶ୍ନ ଉଠୁନଥିଲା ।

ପ୍ରାଥମିକ ସ୍ତରରେ ମୁଖ୍ୟତଃ 'ଡିପ୍‌ଫେକ୍' ଭିଡିଓଗୁଡ଼ିକରେ ଅନଲାଇନରେ ଉପଲବ୍ଧ ଅର୍ଦ୍ଧନଗ୍ନ ବା ନଗ୍ନ ଶରୀରରେ ଖ୍ୟାତନାମା ଚଳଚ୍ଚିତ୍ର ଅଭିନେତ୍ରୀ ଓ ଅଭିନେତାଙ୍କ ମୁଖମଣ୍ଡଳର ଚିତ୍ର ଯୋଡ଼ାଯାଉଥିଲା । ଦ୍ୱିତୀୟସ୍ତରରେ ଭିଡିଓରେ କଥାବାର୍ତ୍ତା ପରିବର୍ତ୍ତନ କରିବା ବା କଣ୍ଠସ୍ୱର ପରିବର୍ତ୍ତନ କରିବାର ସାମର୍ଥ୍ୟ ହାସଲ ହେଲା । ଫଳରେ ଅସଲି ଭିଡିଓକୁ ନକଲିରେ ପରିବର୍ତ୍ତିତ କରି ଦର୍ଶକଙ୍କ ପାଇଁ ଉଭୟ ଦୃଶ୍ୟ ଓ ଶ୍ରାବ୍ୟ ପ୍ରମାଣରେ ସତ୍ୟ ପ୍ରତୀୟମାନ ହେଲା । ତେବେ ତୃତୀୟସ୍ତରରେ ଏହି ବୈଷୟିକ କୌଶଳ ଉପଯୋଗରେ ଅପରାଧିକ କାର୍ଯ୍ୟକଳାପ ଆରମ୍ଭ ହୋଇଗଲା । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଚିତ୍ର ନକଲ କରି ଯୌନାଚାର ଦୃଶ୍ୟ, ପ୍ରତିହିଂସା ଉଦ୍ଦେଶ୍ୟରେ ଅପରକୁ ନିନ୍ଦିତ କରିବା ଲାଗି ପ୍ରଚେଷ୍ଟା, ଅସତ୍ୟ, ଗୁଜବ ଓ ଅତିରଞ୍ଜିତ ସମ୍ବାଦ ପ୍ରସାର, ଅପବାଦ ଓ ଅର୍ଥନୈତିକ ଅପରାଧ ଲାଗି 'ଡିପ୍‌ଫେକ୍' ଭିଡିଓ ବ୍ୟବହୃତ ହେଲା । ଚତୁର୍ଥସ୍ତରରେ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାରେ 'ଡିପ୍‌ଫେକ୍' ଭିଡିଓ ଉପଯୋଗ ରାଜନୀତିକସ୍ତରରେ ଚିନ୍ତାର କାରଣ ପାଲଟିଛି ।

ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ନିର୍ବାଚନ ୨୦୨୦ରେ 'ଡିପ୍‌ଫେକ୍' ଭିଡିଓ ବ୍ୟବହୃତ ହୋଇଥିବା ଅଭିଯୋଗ ହୋଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ବ୍ରିଟେନ, ଆର୍ଜେଂଟିନା, ସୋଲଭିକିଆ, ଦକ୍ଷିଣ କୋରିଆ ଆଦି ରାଷ୍ଟ୍ରରେ ଅନୁଷ୍ଠିତ ନିର୍ବାଚନରେ 'ଡିପ୍‌ଫେକ୍'ର ପ୍ରାଦୁର୍ଭାବ ଅନୁଭୂତ ହୋଇଥିଲା । ଭାରତରେ ୨୦୨୩ରେ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ଅମିତାଭ ବଚ୍ଚନ 'କୌନ ବନେଗା କରୋଡ଼ପତି' ମଞ୍ଚରୁ ବିଜେପି ମୁଖ୍ୟମନ୍ତ୍ରୀଙ୍କୁ ମିଛୁଆ ଅଭିହିତ କରି କଂଗ୍ରେସ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ସପକ୍ଷରେ ମନ୍ତବ୍ୟ ରଖିଥିବା 'ଡିପ୍‌ଫେକ୍' ଭିଡିଓକୁ ନେଇ ଚର୍ଚ୍ଚା ଜୋର ଧରିଥିଲା । ବିଜେପି ପକ୍ଷରୁ ନିର୍ବାଚନ କମିଶନ ଓ ପୁଲିସ ନିକଟରେ ଏଥିନେଇ ଅଭିଯୋଗ ଦାୟର ହୋଇଥିଲା । ସେହି ସମୟରେ ବଲିଉଡ୍ ଚଳଚ୍ଚିତ୍ର ଅଭିନେତ୍ରୀ ରଶ୍ମିକା ମନ୍ଦାନା, କ୍ୟାଟ୍ରିନା କୈଫ ଓ କାଜଲଙ୍କୁ ନେଇ ପ୍ରସ୍ତୁତ ନଗ୍ନ 'ଡିପ୍‌ଫେକ୍' ଭିଡିଓ ଭାଇରାଲ ହେବା ପରେ ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି ହେଲା ।

ବିଶେଷଜ୍ଞମାନେ ଭାରତରେ 'ଡିପ୍‌ଫେକ୍' ଭିଡିଓ ପ୍ରଚଳନ ଦ୍ରୁତଗତିରେ ବୃଦ୍ଧି ପାଇବ ବୋଲି ସତର୍କ କରାଇଦେଇଛନ୍ତି । ଏଥିନେଇ ପ୍ରଦ୍ୟୋଗ ମନ୍ତ୍ରଣାଳୟ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦବେଗ ପ୍ରକାଶ କରିଛନ୍ତି । ଦେଶରେ ୨୦୨୩ ଓ ୨୦୨୪ରେ ସାଧାରଣ ନିର୍ବାଚନ ସଙ୍ଗେ ବହୁ ରାଜ୍ୟରେ ବିଧାନସଭା ନିର୍ବାଚନ ପଞ୍ଜିକା ଥିବା ହେତୁ ରାଜନୀତିକସ୍ତରରେ ଆଲୋଡ଼ନ ସୃଷ୍ଟି ହୋଇଛି । 'ଡିପ୍‌ଫେକ୍' କବଳରେ ଭାରତୀୟ ନିର୍ବାଚନ ସମ୍ପର୍କରେ ବିଚାରବିମର୍ଶ କଲାବେଳେ କେତେକ ଦିଗ ଗୁରୁତ୍ୱ ବହନ କରିଥାଏ ।

ପ୍ରଥମତଃ, ଭାରତରେ ଇଂଟରନେଟ ବ୍ୟବହାର କରୁଥିବା ଜନସଂଖ୍ୟା ମାର୍ଚ୍ଚ ୨୦୨୩ ସୁଦ୍ଧା ୮୫ କୋଟିରେ ପହଂଚିଥିବା ସରକାରୀ ହିସାବରୁ ଜଣାଯାଏ । ସେମାନଙ୍କ ମଧ୍ୟରୁ ଅର୍ଦ୍ଧେକ ଅନଲାଇନରେ ସମ୍ବାଦ ଆହରଣ କରୁଥିବା 'କାନ୍ତାର-ଗୁଗୁଲ' ପକ୍ଷରୁ ଆକଳନ କରାଯାଇଛି । ରାଜନୈତାଙ୍କ ପ୍ରତି ଜନସାଧାରଣଙ୍କ ଦୃଷ୍ଟିଭଙ୍ଗୀ ପରିବର୍ତ୍ତନ କରିବାରେ ଅନଲାଇନ ସାଧନର ପ୍ରଭାବ ଅନେକ ରହିଛି । ତେଣୁ ଅନଲାଇନ ସମ୍ବାଦ ବିତରଣରେ 'ଡିପ୍‌ଫେକ୍' ନିର୍ବାଚନ ପ୍ରଚାରକୁ ପ୍ରଭାବିତ କରିବା ଆଶଙ୍କା ଅମୂଳକ ନୁହେଁ ।

ଦ୍ୱିତୀୟତଃ, ଅତୀତରେ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତ କରିବା ନିମନ୍ତେ ଚରିତ୍ରଗୁଡ଼ିକ ସମ୍ପର୍କରେ ବହୁ ସଂଖ୍ୟାରେ ତଥ୍ୟ ଆବଶ୍ୟକ ପଡୁଥିଲା । କିନ୍ତୁ ବତମାନ ମାତ୍ର ମିନଟ କିମ୍ବା ଦୁଇ ମିନଟର ତଥ୍ୟରେ କ୍ଲୋନିଂ ବା ଅବିକଳ ପ୍ରତିକୃତି ପ୍ରସ୍ତୁତି ସମ୍ଭବ ହୋଇପାରୁଛି । ଏଥିନିମନ୍ତେ ସଫଟୱେର ସହଜରେ ସମସ୍ତଙ୍କୁ ମିଳିପାରୁଛି । ଯେ କେହି ଅଭ୍ୟାସ କରି 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତିରେ ଦକ୍ଷତା ହାସଲ କରିପାରିବ । ଏହି ସବୁ କାରଣରୁ ଭବିଷ୍ୟତରେ ଅଧିକ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତ ହେବାର ଆଶଙ୍କା ଅମୂଳକ ନୁହେଁ ।

ତୃତୀୟତଃ, ଆମ ଦେଶରେ ଇଂଟରନେଟ ସଂଯୁକ୍ତି ବଢ଼ିଚାଲିଥିବା ଅବସରରେ ଇଂଟରନେଟ ବ୍ୟବହାର ତଥ୍ୟ ମୂଲ୍ୟ ଆନ୍ତର୍ଜାତିକସ୍ତରରେ ପ୍ରାୟତଃ ସର୍ବନିମ୍ନସ୍ତରରେ ରହିଆସିଛି । ଫଳରେ ଭିଡିଓ ଉପଭୋଗ ସୁଗମ ହୋଇପାରିଥିବା ବେଳେ ଅଧିକ ସଂଖ୍ୟାରେ ଡାଉନଲୋଡ ଓ ସେୟାର ମଧ୍ୟ ସମ୍ଭବ ହୋଇପାରୁଛି । ଏହି ପରିବେଶ 'ଡିପ୍‌ଫେକ୍' ଭିଡିଓ ଭାଇରାଲ ହେବାରେ ସହାୟକ ।

ଚତୁର୍ଥତଃ, 'ଡିପ୍‌ଫେକ୍' ଭିଡିଓ ରାଜନୈତିକ କ୍ଷେତ୍ରରେ ବ୍ୟବହାର ଆଲୋଚନା କଲା ବେଳେ ଏହାର ପ୍ରଯୋଜନା ଇତିହାସରେ ଆମୂଳଚୁଳ ପରିବର୍ତ୍ତନ ଦୃଷ୍ଟିକୁ ଆସିଥାଏ । ଅତୀତରେ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତି ଖର୍ଚ୍ଚବହୁଳ ଥିବା ଏବଂ କେବଳ ଜାତୀୟସ୍ତରରେ ବହୁ ଅର୍ଥ ଠୁଳ କରିପାରିଥିବା ରାଜନୈତିକ ଦଳଗୁଡ଼ିକ ପକ୍ଷେ ପ୍ରସ୍ତୁତି ସମ୍ଭବ ଥିଲା । କିନ୍ତୁ ୨୦୨୩ ସୁଦ୍ଧା ଏହି ବୈଷୟିକ କୌଶଳ ବ୍ୟବହାର ସାର୍ବଜନୀନସ୍ତରରେ ଉପଲବ୍ଧ ଥିବା, ଏପରିକି ଗ୍ରାମପଂଚାୟତସ୍ତରରେ ପ୍ରସ୍ତୁତି ଓ ପ୍ରସାର ସମ୍ଭବ ହୋଇପାରୁଛି । ତେଣୁ ୨୦୨୪ ନିର୍ବାଚନ ପ୍ରଚାରରେ 'ଡିପ୍‌ଫେକ୍' ଭିଡିଓର ପ୍ରଭାବ ଅଧିକ ରହିବ ବୋଲି ଆକଳନ କରାଯାଇଛି ।

ପଞ୍ଚମତଃ, ଭାରତରେ ଇଂଟରନେଟ ବ୍ୟବହାରକାରୀଙ୍କ ମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ସାମାଜିକ ଗଣମାଧ୍ୟମରେ ସକ୍ରିୟ ଥିବାରୁ ଏବଂ ମୁଖ୍ୟତଃ ଭିଡିଓ ଆହରଣ କରୁଥିବାରୁ ବିଭିନ୍ନ ଭାରତୀୟ ଭାଷାଭାଷୀ ଉପଭୋକ୍ତାଙ୍କୁ ଭାଇରାଲ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତି କ୍ଷେତ୍ରରେ ସମ୍ଭାଳିବା ସହଜ କଥା ନୁହେଁ । ସୋସିଆଲ ମିଡିଆରେ ପ୍ରସାର ଖୁବ କମ ସମୟରେ କୌଣସି ଭିଡିଓକୁ ଭାଇରାଲ କରିପକାଏ । ଆମ ଦେଶର ଆଇନକାନୁନ ସଶକ୍ତ । କିନ୍ତୁ 'ଡିପ୍‌ଫେକ୍' ଭିଡିଓଟିଏ ଠାବ କରି ତାହା ହଟାଇବା ପାଇଁ ସାମାଜିକ ଗଣମାଧ୍ୟମ ମଂଚକୁ ଜନସାଧାରଣ ଅନୁରୋଧ ବା ସରକାର ନିର୍ଦ୍ଦେଶ ଦେବା ଆଗରୁ ବିଶାଳ ଜନସଂଖ୍ୟାଙ୍କଠାରେ ପହଂଚିସାରିଥିବ । 'ଡିପ୍‌ଫେକ୍' ଭିଡିଓ ସ୍ୱୟଂକ୍ରିୟ ବା ଆପେ ଆପେ ଚିହ୍ନଟ କରାଯାଇପାରିବା ବୈଷୟିକ କୌଶଳ ବାସ୍ତବ କ୍ଷେତ୍ରରେ ଉପଯୋଗ ପ୍ରାୟତଃ ଅସମ୍ଭବ ମନେହୁଏ ।

'ଡିପ୍‌ଫେକ୍' ଭିଡିଓ ପ୍ରସାର ଲାଭ କରିବା ବିଗତ ପାଞ୍ଚ ବର୍ଷର ଇତିହାସରୁ ଜଣାଯାଏ ଯେ ଏହି ବୈଷୟିକ କୌଶଳ ବିକାଶ ବର୍ଷକ ମଧ୍ୟରେ ଦ୍ୱିଗଣିତ ହେବାରେ ଲାଗିଛି । ସେହିପରି ଏହାର ବ୍ୟବହାରକାରୀଙ୍କ ସଂଖ୍ୟା ମଧ୍ୟ ବଢୁଛି । ଏତାଦୃଶ ଜଟିଳ ପରିବେଶରେ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତି ଓ ପ୍ରସାରଣକୁ ରୋକିବା ନିମନ୍ତେ ଆନ୍ତର୍ଜାତିକସ୍ତରରେ ବିଭିନ୍ନ ରାଷ୍ଟ୍ର ଆଇନ ପ୍ରଣୟନ ଦିଗରେ ତତ୍ପର । ୟୁରୋପୀୟ ରାଷ୍ଟ୍ରସଂଘ ଓ ଯୁକ୍ତରାଷ୍ଟ୍ର ଆମେରିକାରେ ୨୦୨୩ ଶେଷ ସୁଦ୍ଧା ଏ ଦିଗରେ ପ୍ରାଥମିକ ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡ଼ିଛି । ଭାରତରେ ସୂଚନା ପ୍ରଯୁକ୍ତି ବିଦ୍ୟା ଆଇନ୍ ୨୦୨୧ ଅନୁଯାୟୀ କୌଣସି ଆପତିଜନକ ଉପାଦାନ ଠାବ ହେଲେ ସାମାଜିକ ଗଣମାଧ୍ୟମ ମଞ୍ଚଗୁଡ଼ିକ ଅଭିଯୋଗ କିମ୍ବା ନିର୍ଦ୍ଦେଶ ପାଇବାର ୩୬ ଘଂଟା ମଧ୍ୟରେ ହଟାଇବା ନିମନ୍ତେ ବାଧ୍ୟ । କିନ୍ତୁ ଏହି ୩୬ ଘଂଟାର ମହଲତ ଆଧୁନିକ ଅନଲାଇନ ପରିବେଶରେ ସୁଦୀର୍ଘ ମନେହୁଏ । ଏହି ସମସ୍ୟାର କିପରି ସମାଧାନ କରାଯାଇପାରିବ ତାହା ଏକ ଅସମାହିତ ପ୍ରଶ୍ନ ।

'ଡିପ୍‌ଫେକ୍' ଭିଡିଓ ସାଧାରଣରେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଉପଭୋକ୍ତାଙ୍କ ଭୂମିକା ମୁଖ୍ୟ ସ୍ଥାନ ଅଧିକାର କରିଥାଏ । ଗବେଷଣାରୁ ଜଣାଯାଏ ଯେ ଅଧିକାଂଶ କ୍ଷେତ୍ରରେ ଅନଲାଇନ ଶିଷ୍ଟାଚାର ସମ୍ପର୍କରେ ଅଜ୍ଞତା ଓ କୌତୁହଳ କାରଣରୁ ଭିଡିଓ ସେୟାର ହୋଇଥାଏ । ବିଶେଷଜ୍ଞମାନେ କହିଆସୁଛନ୍ତି ଯେ ଗଣମାଧ୍ୟମ ସାକ୍ଷରତା, ଅର୍ଥାତ ଉପଭୋକ୍ତାଙ୍କୁ ଗଣମାଧ୍ୟମର ପ୍ରଭାବ ତଥା ଉଚିତ ଓ ଅନୁଚିତ ବ୍ୟବହାର ସମ୍ପର୍କରେ ସତର୍କ କରାଗଲେ ସୁଫଳ ମିଳିବ । ବିଶେଷଜ୍ଞଙ୍କ ମତରେ ଅସତ୍ୟ ସମ୍ବାଦ ଗଣତାନ୍ତ୍ରିକ ଶାସନରେ କିପରି କୁପ୍ରଭାବ ପକାଉଛି ସେ ସମ୍ପର୍କରେ ଯେତେ ଅଧିକ ସଂଖ୍ୟକ ସାମାଜିକ ଗଣମାଧ୍ୟମ ଉପଭୋକ୍ତା ଅବଗତ ହେବେ, ସେହି ସଂଖ୍ୟାରେ 'ଡିପ୍‌ଫେକ୍' ଭିଡିଓର ବ୍ୟବହାର ହ୍ରାସ ପାଇବ ।

ଆମ ଦେଶରେ ନଭେମ୍ବର ୨୦୨୩ ମଧ୍ୟପ୍ରଦେଶ ଘଟଣା ପରେ ପ୍ରଧାନମନ୍ତ୍ରୀ ଗଣମାଧ୍ୟମ ସାକ୍ଷରତା ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି । ଏ ଦିଗରେ ସମୁଚିତ ପଦକ୍ଷେପ ଜରୁରୀ । ଆଂଚଳିକସ୍ତରରେ ଗଣମାଧ୍ୟମ ସାକ୍ଷରତା ପ୍ରସାର ଦିଗରେ ଦେଶର ସାମ୍ବାଦିକତା ଶିକ୍ଷାନୁଷ୍ଠାନଗୁଡ଼ିକରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ସକ୍ରିୟ ଭୂମିକା ଗ୍ରହଣ କରିପାରିବେ । ଏ ଦିଗରେ ବିଶ୍ୱବିଦ୍ୟାଳୟ ମଞ୍ଜୁରି କମିଶନ ସାମାନ୍ୟ ଅନୁଦାନ ସହ ଏକ ମଡେଲ ସମଗ୍ର ଦେଶରେ କାର୍ଯ୍ୟକାରୀ କରିପାରିବେ । ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟାନ୍ୟ ଉଚ୍ଚତର ଶିକ୍ଷାନୁଷ୍ଠାନଗୁଡ଼ିକୁ ଜାତୀୟ ସେବା ଯୋଜନା(ଏନଏସଏସ) ମାଧ୍ୟମରେ ଏହି ଅଭିଯାନରେ ଅନ୍ତର୍ଭୁକ୍ତ କରାଯାଇପାରିବ ଏବଂ ୨୦୨୪ ନିର୍ବାଚନ ପୂର୍ବରୁ ସାମାଜିକ ଗଣମାଧ୍ୟମ ଶିଷ୍ଟାଚାର ସାଙ୍ଗକୁ ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଦେଶର ଅଧିକାଂଶ ଜନସାଧାରଣଙ୍କୁ ସଚେତନ କରାଯାଇପାରିବ ।

*ଖୋର୍ଦ୍ଧା*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

# ପର୍ଯ୍ୟବେକ୍ଷକ

Bhubaneswar Wednesday July 09 | ଭୁବନେଶ୍ୱର ବୁଧବାର, ୦୯, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com




## ବାଲୁକା କଳା ନାଁରେ ସରକାରୀ ଜଙ୍ଗଲ ଜମିରେ ବେଆଇନ ନିର୍ମାଣ

କୋଣାର୍କ,( ପି,ଏନ ): କୋଣାର୍କ ଚନ୍ଦ୍ରଭାଗା ରାସ୍ତା ହେଲିପ୍ୟାଡ ସମ୍ମୁଖରେ ରାଜରାସ୍ତା ଓ ବାଲୁଖଣ୍ଡ ଅଭୟାରଣ୍ୟକୁ ଲାଗି ରହିଥିବା ସରକାରୀ ଜଙ୍ଗଲ ଜମିକୁ ପର୍ଯ୍ୟଟନ କାର୍ଯ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ଜୈନିକ ବ୍ୟକ୍ତି ଡ୍ୟୁଟି ଛାଡ଼ି ଜବରଦଖଲ କରି ନିଜ ଝିଅ ମାନଙ୍କ ଦ୍ୱାରା ବାଲୁକା କଳା ନାଁରେ ସରକାରୀ ଜମିରେ ବେଆଇନ ଗୃହ ନିର୍ମାଣ କରୁଛନ୍ତି। ଉକ୍ତ କର୍ମଚାରୀ କୋଣାର୍କ ପର୍ଯ୍ୟଟନ ଅଧିକାରୀଙ୍କ ଛତ୍ରଛାୟା ତଳେ ରହି ସରକାରୀ ଅଧିକାରୀଙ୍କୁ ଆପ୍ୟାୟିତ କରିବା ସହିତ ଜିଲ୍ଲାପାଳଙ୍କ ତରଫରୁ ଜମି ଯୋଗାଇ ଦିଆଯାଇଥିବା କହି ଘୁରି ବୁଲୁଛି। କେତେବଳେ ପର୍ଯ୍ୟଟନ ମନ୍ତ୍ରୀ ଓ କେତେବେଳେ ଜିଲ୍ଲାପାଳଙ୍କ ନାଁ ନେଇ ଜମି ଯୋଗାଇ ଦିଆ ଯାଇଥିବା କହି ବୁଲୁଛନ୍ତି। ଉକ୍ତ ସ୍ଥାନରେ କର୍ମଚାରୀ ଜଣଙ୍କ ଦୀର୍ଘ ୧୫ବର୍ଷରୁ ଉର୍ଦ୍ଧ୍ୱ ଗୋଟାଏ ସ୍ଥାନରେ କାର୍ଯ୍ୟ କରିବା ବେଳେ ବଦଳି ନହେବାରୁ ଅଧିକାରୀ ମାନଙ୍କ ହାତ ଅଛି ବୋଲି କହି ବୁଲୁଛି। ଯାହା ଫଳରେ ବାପ ଝିଅ ମାନଙ୍କୁ ନେଇ ସରକାରୀ ଜମି ହାତେଇ ବେଆଇନ୍ ନିର୍ମାଣ କରୁଛନ୍ତି । ଏଠାରେ ସୁଚନା ଥାଉକି ରାଜପଥ କଡ ମଧ୍ୟ ଜବରଦଖଲ କରିଛନ୍ତି। ଯାହା ଆଗାମୀ ଦିନରେ ଯାତାୟାତ ସମସ୍ୟା ଦେଖାଦେବ। ଏନେଇ ବିଭିନ୍ନ ଗଣମାଧ୍ୟମ ଜରିଆରେ ଖବର ପ୍ରକାଶ ପାଇବା ସହ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣିରେ ଅଭିଯୋଗ ହୋଇଥଲା। ଜିଲ୍ଲାପାଳ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ ଗୋପ ତହସିଲ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଯାହା ଆରଆଇ ଓ ତହସିଲଦାରଙ୍କ କାର୍ଯ୍ୟ ଦକ୍ଷତା ଉପରେ ସନ୍ଦେହ ପ୍ରକାଶ ପାଇଛି। ସୁଚନା ଅନୁଯାୟୀ କୋଣାର୍କ ମୌଜାର ଖାତା ୪୧୫ ପ୍ଲଟ ୧୬୦୦ ସରକାରୀ ଓ ଜଙ୍ଗଲ ଜମି। ଯାହା ବାଲୁଖଣ୍ଡ ଅଭୟାରଣ୍ୟ ସହିତ ଜଡିତ। ଇକୋ ସେନ୍ସିଟିଭ୍ ଜୋନ୍‌ରେ ମଧ୍ୟ ଆସୁଛି ବୋଲି ବନଖଣ୍ଡ ଅଧିକାରୀ ପକ୍ଷରୁ ସୁଚନା ଦିଆଯାଇଛି। ଏହାକୁ ବେଖାତିର୍ କରି ନିଜକୁ ବାଲୁକା ଶିଳ୍ପୀ କହି ଜମି ହଡପ କରିଥିବା ଦେଖିବାକୁ ମିଳିଛି। ଜିଲ୍ଲାପାଳ ଜମି ଦେଇଥିବା ମିଛ କାଗଜ ଦେଖାଇ ନିର୍ମାଣ କରୁଛନ୍ତି । ପୁଣି ଜଙ୍ଗଲ ଓ ରାଜରାସ୍ତାକୁ ଜବରଦଖଲ କରି। ସ୍ଥାନୀୟ ପ୍ରଶାସନ ଓ ପୁରୀ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ପରିବେଶପ୍ରେମି ମାନେ ଦାବି କରିଛନ୍ତି। ରାଜ୍ୟ ସରକାର ସରକାରୀ ଜମି ଜବରଦଖଲ କରୁଥିବା ଲୋକଙ୍କ ଠାରୁ ଜମି ଅଧିଗ୍ରହଣ କରାଯିବ ଡେଙ୍ଗୁରା ପିଟୁଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ଜମି ମାଫିଆ ମାନଙ୍କୁ ସହଯୋଗ କରୁଛନ୍ତି। ହେଲିପ୍ୟାଡ ସମ୍ମୁଖରେ ବେଆଇନ୍ ନିର୍ମାଣ ହୋଇଥିବାରୁ ମାଘମେଳା, କୋଣାର୍କ ଉତ୍ସବ ଓ ପ୍ରସ୍ତାବିତ ହେଲିପ୍ୟାଡ ନିର୍ମାଣରେ ବାଧା ସୃଷ୍ଟି ହେବାର ଆଶଙ୍କା ରହିଛି। ତେଣୁ ମାନ୍ୟବର ମୂଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ରଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ, ଉପ ମୂଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକମାନେ ଗଣମାଧ୍ୟମ ଜରିଆରେ ନିବେଦନ କରିଛନ୍ତି।

## ସାଇ ସେବା ଜରାଶ୍ରମ ରେ ଜନ୍ମଦିନ ଓ ବିଭାହ ବାର୍ଷିକୀ ପାଳିଲେ ପ୍ରଶାନ୍ତ




ପାରାଦୀପ,(ପି.ଏନ),ପାରାଦୀପ ବନ୍ଦର ଚିକିତ୍ସାଳୟ ରେ କାର୍ଯ୍ୟ କରୁଥିବା ପ୍ରଶାନ୍ତ କୁମାର ଲେଙ୍କା (କୁନୁ) ପ୍ରତିବର୍ଷ ଜୁଲାଇ ମାସରେ ଗୋଟିଏ ଦିନ ଅନ୍ତରରେ ପଡୁଥିବା ନିଜ ବିଭାହ ବାର୍ଷିକୀ ଓ ଜନ୍ମଦିନ କୁ ଭିନ୍ନ ଏକ ଢଙ୍ଗରେ ପାଳନ କରିଥାନ୍ତି । ଏଥିରେ ସେ ବିଭିନ୍ନ ଅସହାୟ ଗରିବ ଏବଂ ବୃଦ୍ଧାଶ୍ରମରେ ଖାଦ୍ୟ ବିତରଣ କରିବା ସହ ବସ୍ତ୍ର ପ୍ରଦାନ କରି ସାଧାରଣରେ ଏକ ଉଧାହରଣ ସୃଷ୍ଟି କରିଛନ୍ତି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଦିନ ନିଜ ଜନ୍ମ ଦିନରେ ପାରାଦୀପ ଉପକଣ୍ଠ ସ୍ଥିତ ସାଇ ସେବା ଜରାଶ୍ରମ ରେ କେକ୍ କାଟି ଜରାଶ୍ରମ ଅନ୍ତେବାସୀଙ୍କ ସହିତ ଜନ୍ମ ଦିନ ପାଳନ କରିବା ସହିତ ସମସ୍ତଙ୍କ ପାଇଁ ଭୋଜି ର ଆୟୋଜନ କରିଥିଲେ । ଶେଷରେ ସମସ୍ତ ଅନ୍ତେବାସୀ ପ୍ରଶାନ୍ତଙ୍କୁ ଜନ୍ମଦିନ ର ଅଭିନନ୍ଦନ ଜଣାଇବା ସହ ଆଶୀର୍ବାଦ ପ୍ରଦାନ କରିଥିଲେ ।

## ନଭେମ୍ବର ୧ରୁ ଦିଲ୍ଲୀରେ ଏହି ଗାଡିଗୁଡ଼ିକୁ ମିଳିବନି ତେଲ



ଭୁବନେଶ୍ୱର,(ପି.ଏନ):୧୦ ବର୍ଷରୁ ଅଧିକ ପୁରୁଣା ଡିଜେଲ ଚାଳିତ କାର ଓ ୧୫ ବର୍ଷରୁ ଅଧିକ ପୁରୁଣା ପେଟ୍ରୋଲ ଚାଳିତ କାରଗୁଡିକୁ ତେଲ ନଦେବା ପାଇଁ ଲାଗିଥିବା ବ୍ୟାନକୁ ହଟାଇ ନେବାର କିଛି ଦିନ ପରେ ମଙ୍ଗଳବାର ଦିଲ୍ଲୀ ସରକାର ଏକ ନିର୍ଦ୍ଦେଶ ଜାରି କରି କହିଛନ୍ତି ଯେ ଏହି ବର୍ଗର ଗାଡିଗୁଡିକୁ ଆସନ୍ତା ନଭେମ୍ବର ୧ ତାରିଖରୁ ଆଉ ତେଲ ଦିଆଯିବ ନାହିଁ। ସେହିଭଳି ସେହିଦିନଠାରୁ ନ୍ୟାଶନାଲ କ୍ୟାପିଟାଲ ରିଜିଅନ (NCR)ର ୫ଟି ଜିଲ୍ଲାରେ ମଧ ଏହି ନିୟମ ଲାଗୁ ହେବ। ସେଗୁଡିକ ହେଉଛନ୍ତି- ଗୁରୁଗ୍ରାମ, ଫରିଦାବାଦ, ନୋଏଡା, ଗାଜିଆବାଦ ଓ ସୋନିପତ। ଏହି ବର୍ଗର ଗାଡିଗୁଡିକୁ ଜୁଲାଇ ୧ ତାରିଖରୁ ତେଲ ନଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ତେବେ ଏହାକୁ ବିଭିନ୍ନ ବର୍ଗରୁ ବ୍ୟାପକ ବିରୋଧ କରାଯିବା ପରେ ସରକାର ଏହି ବ୍ୟାନକୁ ଉଠାଇ ନେଇଥିଲେ। ସେତେବେଳେ ଦିଲ୍ଲୀର ପରିବେଶ ମନ୍ତ୍ରୀ ମନଜିନ୍ଦର ସିଂହ ସିରସା କହିଥିଲେ ଯେ ପୁରୁଣା ଗାଡିଗୁଡିକୁ ନେଇ ସରକାର ଏକ ନୂଆ ବ୍ୟବସ୍ଥା ଗ୍ରହଣ କରିବେ।ଜୁଲାଇ ୧ରୁ ଏହି ବର୍ଗର ପୁରୁଣା ଗାଡିଗୁଡିକୁ ଚିହ୍ନଟ କରି ପେଟ୍ରୋଲ ବା ଡିଜେଲ ନ ଦେବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଫୁଏଲିଂ ଷ୍ଟେସନଗୁଡିକରେ ଅଟୋମେଟେଡ୍ କ୍ୟାମେରା ସିଷ୍ଟମ ହୋଇଥିଲା, ଯେଉଁଗୁଡିକ ଗାଡିଗୁଡିକର ବୟସ ଜାଣିପାରିବେ। ତା' ସହିତ ଟ୍ରାଫିକ ପୁଲିସକୁ ମଧ ଏହି ଦାୟିତ୍ୱ ଦିଆଯାଇଥିଲା। ଏହି ବର୍ଗର ପୁରୁଣା ଗାଡିଗୁଡିକୁ ଚିହ୍ନଟ କରି ସେମାନଙ୍କ ଉପରେ ଚାଲାଣ କାଟିବା ପାଇଁ ମଧ ଟ୍ରାଫିକ ପୁଲିସକୁ କ୍ଷମତା ଦିଆଯାଇଥିଲା। ଅନ୍ୟମାନଙ୍କ ମଧରେ ଦିଲ୍ଲୀ ଉପ-ରାଜ୍ୟପାଳ ମଧ ଏହି ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଗତ ରବିବାର ସେ ଦିଲ୍ଲୀ ସରକାରଙ୍କୁ ଏକ ଚିଠି ଲେଖି ଏହି ବ୍ୟାନ ଉପରେ ଲାଗିଥିବା ରୋକକୁ ଜାରି ରଖିବାକୁ କହିଥିଲେ। ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ଲେଖିଥିବା ଏହି ଚିଠିରେ ଉପ-ରାଜ୍ୟପାଳ ଯୁକ୍ତି ବା ?ଥିଲେ ଯେ ଏଭଳି ଏକ ବ୍ୟବସ୍ଥାକୁ ଆପଣାଇବାକୁ ଦିଲ୍ଲୀବାସୀ ପ୍ରସ୍ତୁତ ହୋଇନାହାନ୍ତି। ମଧବିତ୍ତ ଶ୍ରେଣୀର ପରିବାରଗୁଡିକ ସେମାନଙ୍କର ସମସ୍ତ ଆୟ ଗାଡି ଖଣ୍ଡିଏ କିଣିବାରେ ବ୍ୟୟ କରି ଦେଇଥିବା ବେଳେ ଏହି ବ୍ୟବସ୍ଥା ସେମାନଙ୍କ ପ୍ରତି ନ୍ୟାୟୋଚିତ ହେବ ନାହିଁ।

## ପୁରୀ ରଥଯାତ୍ରା ଓ ବାହୁଡ଼ାଯାତ୍ରା ଭକ୍ତଙ୍କୁ ଇଫକୋର ସହାୟତା





ପାରାଦୀପ,(ପି.ଏନ): ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ଓ ବାହୁଡ଼ାଯାତ୍ରା ରେ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ସୁବିଧା ନିମନ୍ତେ ଇଫକୋ ପାରାଦୀପ ୟୁନିଟ ପୁରୀର ସେଣ୍ଟର ଫର ଆକ୍ସନ ମିଳିତ ସହଯୋଗରେ ଚିରାଚରିତ ପ୍ରଥା ରେ ଜନସେବା କରି ସାଧାରଣରେ ଶୃଙ୍ଖଳା ଖାଦ୍ୟ,ପାଣି ବୋତଲ ଯୋଗାଣ ଓ ଦର୍ଶନ ପାଇଁ ହୁଇଲ ଚେୟାର ବ୍ୟବସ୍ଥା କରାଯାଇଥିଲା । ସେହିପରି ଇଫକୋ ପକ୍ଷରୁ ଠାକୁରଙ୍କ ସୁଗମ ଦର୍ଶନ ପାଇଁ ବୟସ୍କ ଓ ଶାରୀରିକ ଅକ୍ଷମ ବ୍ୟକ୍ତି ମାନଙ୍କ ପାଇଁ ସ୍ୱତନ୍ତ୍ର ହୁଇଲ ଚେୟାରର ବ୍ୟବସ୍ଥା କରାଯାଇଥିଲା । ଚଳିତ ରଥଯାତ୍ରା ଉତ୍ସବ ରେ ପ୍ରବଳ ଜନସମାଗମ କୁ ଦୃଷ୍ଟିରେ ରକ୍ଷୀ ଭିଡ଼ ନିୟନ୍ତ୍ରଣ ପାଇଁ ଇଫକୋ ପକ୍ଷରୁ ପୁରୀ ପ୍ରଶାସନ କୁ ରୋଡ଼ ବାରିକେଡ ଯୋଗାଇ ଦିଆଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମକୁ ଇଫକୋ ପାରାଦୀପ ୟୁନିଟ ର ଲୋକ ସମ୍ପର୍କ ଅଧିକାରୀ ଡ଼ଃ.ପ୍ରସନ୍ନ କୁମାର ବେଉରା, ପୁରୀର ବିଶ୍ୱବସୁ ଦଇତାପତି ବିନାୟକ ଦାସ ମହାପାତ୍ର, ଦଇତାପତି ଅନାଥ ଦାସ ମହାପାତ୍ର, ସଂଗ୍ରାମ କେଶରୀ ମିଶ୍ର, ମାଧବ ସାହୁ, ମନୋଜ କୁମାର ସାହାଣୀ ମନୋଜ କୁମାର ମହାପାତ୍ର ସଫଳତାର ସହ ପରିଚାଳନା କରିଥିଲେ । ସୂଚନାଥାଉକି ଇଫକୋ ପ୍ରତିବର୍ଷ ପୁରୀ ରଥଯାତ୍ରାରେ ସକ୍ରିୟ ଭାବେ ସହଯୋଗ ଓ ସେବା କାର୍ଯ୍ୟ କରିଆସୁଅଛି । ତେବେ ଇଫକୋ ର ଏପରି ମହତ ସେବା କାର୍ଯ୍ୟ ପାଇଁ ପୁରୀ ର ସେବାୟତ ସମାଜ ଇଫକୋ ପରିଚାଳନା ନିର୍ଦ୍ଦେଶକ ଡ଼ଃ.ୟୁ.ଏସ. ଅୱସ୍ତି, ବୈଷୟିକ ନିର୍ଦ୍ଦେଶକ କେ.ଜେ.ପଟେଲ, ପାରାଦୀପ ୟୁନିଟ ମୁଖ୍ୟ ପି.କେ.ମହାପାତ୍ର ଏବଂ ଏଚ୍‌ଆର ଉପ ମହାପ୍ରବନ୍ଧକ ବି.କେ.ପରିଡାଙ୍କ ନିରବଛିନ୍ନ ସହଯୋଗ କୁ ଉଚ୍ଚ ପ୍ରଶଂସା କରିଛନ୍ତି ।

## ଭାରତର ଏଆଇ-ଚାଳିତ ଉତ୍ପାଦନ ବିପ୍ଳବର ନେତୃତ୍ୱ ନେବା ପାଇଁ ଓଡିଶା ପ୍ରସ୍ତୁତ: ଆସୋଚାମ-ପ୍ରାଇମସ ପାର୍ଟନର୍ସ ରିପୋର୍ଟ

ଭୁବନେଶ୍ୱର,(ପି.ଏନ): ପ୍ରାଇମସ ପାର୍ଟନର୍‌ସ ସହ ସହଭାଗିତାରେ ଆସୋଚାମ ଓଡିଶାକୁ ଭାରତର ଏଆଇ-ପରିଚାଳିତ ଶିଳ୍ପ ଭବିଷ୍ୟତର ଏକ ଅଗ୍ରଦୂତ ଭାବେ ଉଲ୍ଲେଖ କରିଛି । 'ଏଆଇ-ଡ୍ରାଇଭେନ ମାନୁଫ୍ୟାକ୍‌ଚରିଂ: ଇନୋଭେଶନ, ଏଫିସିଏନ୍ସି ଆଣ୍ଡ ସଷ୍ଟେନେବୁଲ ଗ୍ରୋଥ୍' ଶୀର୍ଷକ ଆସୋଚାମ-ପ୍ରାଇମସ୍ ପାର୍ଟନର୍‌ସ ରିପୋର୍ଟ ଉନ୍ମୋଚନ କରିଛି ଯେ, ଆର୍ଟିଫିସିଆଲ ଇଂଟେଲିଜେନ୍ସ ଏବେ ଭବିଷ୍ୟତର ବିଷୟବସ୍ତୁ ହୋଇ ରହିନାହିଁ ବରଂ ବର୍ତ୍ତମାନ ସମୟର ଉତ୍ପ୍ରେରକ ପାଲଟିଛି ଯାହା ନିର୍ମାଣ କ୍ଷେତ୍ରକୁ ନୂଆ ରୂପ ଦେଉଛି । ଏହା ଓଡିଶାର ସକ୍ରିୟ ପରିଚାଳନା, ମଜବୁତ ଶିଳ୍ପ ଆଧାର ଓ ଉଦୀୟମାନ ଡିଜିଟାଲ ଭିତିଭୂମି କିଭଳି ରାଜ୍ୟକୁ ଏଆଇ-ସମନ୍ୱିତ ଅଭିବୃଦ୍ଧି ପାଇଁ ଏକ ମଡେଲ ଭାବେ ଅବସ୍ଥାପିତ କରିଛି ତାହା ପ୍ରକାଶ କରିଛି । ଏହି ରିପୋର୍ଟକୁ ଆସୋଚାମ ଓଡିଶା ମାନୁଫ୍ୟାକ୍‌ଚରିଂ କନ୍‌କ୍ଲେଭ ୨୦୨୫ର ୨ୟ ସଂସ୍କରଣରେ ଉନ୍ମୋଚନ କରାଯାଇଛି । ରିପୋର୍ଟ ପ୍ରକାଶ କରିଛି ଯେ, ୩୦%ରୁ ଅଧିକ ଭାରତୀୟ ନିର୍ମାତା ଏଆଇକୁ ଗ୍ରହଣ କରିଛିଁ । ଆ'ର୍ଜାତୀୟ ଆକଳନ ଅନୁଯାୟୀ ୨୦୩୪ ସୁଦ୍ଧା ଏଆଇ-ଚାଳିତ ନିର୍ମାଣ କ୍ଷେତ୍ରର ମୂଲ୍ୟ ୨୩୦ ବିଲିୟନ ଡଲାର ହେବ । ଏକ୍ଷେତ୍ରରେ ଓଡିଶା ଏହାର ଓଡିଶା ଏଆଇ ପଲିସି ୨୦୨୫ ଓ ଓଡିଶା ଏଆଇ ମିଶନ ଭଳି ପଦକ୍ଷେପ ସହିତ ବେଂଚମାର୍କ ସ୍ଥାପନ କରୁଛି, ଯାହା ଷ୍ଟିଲ, ଖଣି, ସ୍ମାର୍ଟ ବନ୍ଦର ଓ ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରେ ଏଆଇକୁ ଧାରଣ କରିବା ପାଇଁ ଲକ୍ଷ୍ୟ ରଖିଛି । ଏଆଇ ଗ୍ରହଣୀୟତାକୁ ତ୍ୱରାନ୍ୱିତ କରିବା ପାଇଁ ଏହି ରିପୋର୍ଟ ଆଇଆଇଟି ଭୁବନେଶ୍ୱର ଓ ଏନଆଇଟି ରାଉରକେଲା ଭଳି ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡିକ ସହ ଏଆଇ ମାନୁଫ୍ୟାକ୍‌ଚରିଂ ମିଶନ ଲଂଚ କରିବା, ଏଆଇ ସେଂଟର ଅଫ ଏକ୍ସିଲେନ୍ସ ସ୍ଥାପନ କରିବା ଏବଂ କଳିଙ୍ଗନଗର ଓ ଝାରସୁଗୁଡା ଭଳି ଅଂଚଳରେ ଡିଜିଟାଲ ମାନୁଫ୍ୟାକ୍‌ଚରିଂ ପାର୍କ ସ୍ଥାପନ କରିବା ପାଇଁ ସୁପାରିଶ କରିଛି । ଏହା ସବ୍‌ସିଡାଇଜ୍‌ଡ ଏଆଇ ଟ୍ରାଏଲ ମାଧ୍ୟମରେ ଏମଏସଏମଇଗୁଡିକୁ ସହଯୋଗ କରିବା, ଜିଲ୍ଲା ଶିଳ୍ପ କେନ୍ଦ୍ରଗୁଡିକରେ ଏଆଇ ଫ୍ୟାସିଲେଶନ ସେଲ ଏବଂ ଆଇଟିଆଇ ଓ ପଲିଟେକ୍‌ନିକଗୁଡିକରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ସମନ୍ୱିତ କରିବା ପାଇଁ ଆହ୍ୱାନ ଦେଇଛି । ଏହି ରିପୋର୍ଟ କେବଳ ଏକ ପଲିସି ଡକ୍ୟୁମେଂଟ ନୁହେଁ ବରଂ କାର୍ଯ୍ୟ ପାଇଁ ଏକ ଆହ୍ୱାନ ଅଟେ । ଏହା ନୀତିନିର୍ମାତା, ଶିଳ୍ପ ଲିଡର ଓ ଶିକ୍ଷାନୁଷ୍ଠାନଗୁଡିକୁ ଏଆଇ-ଭିତିକ ରଣନୀତିଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ଆବେଦନ କରିଛି ।ମି ରିପୋର୍ଟ ସମ୍ପର୍କରେ ଆସୋଚାମ ଓଡିଶା କାଉନ୍‌ସିଲର ଅଧକ୍ଷ ପଙ୍କଜ ଲୋଚନ ମହାଁ କହିଛିଁ, 'ଓଡିଶାରେ ଭାରତର ପରବର୍ତୀ ଶିଳ୍ପ ବିପ୍ଳବର ନେତୃତ୍ୱ ନେବା ପାଇଁ ରଣନୈତିକ ସୁଯୋଗ ରହିଛି । ଏଆଇକୁ ଦାୟିତ୍ୱପୂର୍ଣ୍ଣ ଭାବେ ଉପଯୋଗ କରି ଓ ଅ'ର୍ଭୁକ୍ତ କରି ଆମେ ଏଭଳି ଏକ ମାନୁଫ୍ୟାକ୍‌ଚରିଂ ଇକୋସିଷ୍ଟମ ନିର୍ମାଣ କରିପାରିବା ଯାହା ବୁଦ୍ଧିମାନ, ସ୍ଥାୟୀ ଓ ଗର୍ବର ସହ ଭାରତ ନିର୍ମିତ ହୋଇଥିବ ।'


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities



TUITION CLASSES for Std I to Std V

Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884, 2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray